ଅବଦୁଲ ଫଜଲ ସିଦ୍ଦିକି

ବନାମ

ଫତେହଚାନ୍ଦ ହିରାୱତ ଏବଂ ଅନ୍ୟମାନେ ।

20, ଅଗଷ୍ଟ 1996

[ଡକ୍ଟର ଏ.ଏସ. ଆନନ୍ଦ ଏବଂ କେ.ଟି. ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1860 ଧାରା 24, 25, 415, 420/120 ଏବଂ 420/34 ।*

*ଠକେଇ- ମୁଖ୍ୟ ଉପାଦାନ- ବ୍ୟବସାୟରେ ଥିବା ମହଜୁଦ ସାମଗ୍ରୀ ଆଧାରରେ ଆଗୁଆ ଋଣ- ପ୍ରଶ୍ନରେ ଥିବା ବ୍ୟବସାୟ ସମସ୍ତ ବନ୍ଧନରୁ ମୁକ୍ତ ଥିଲା ବୋଲି ଦର୍ଶାଯାଇଥିଲା- ପରେ ଜଣାପଡିଲା ଯେ ପ୍ରଶ୍ନରେ ଥିବା ସମ୍ପତ୍ତି ଏକ ବନ୍ଧିତ ସମ୍ପତ୍ତି ଥିଲା ଏବଂ ସେହି ସମ୍ପତ୍ତିରେ ଗ୍ରହୀତାମାନଙ୍କୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିୟୋଜିତ କରାଯାଇଥିଲା- ଠକେଇ ପାଇଁ ବିଚାର- ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ସାବ୍ୟସ୍ତ ଏବଂ ଦଣ୍ଡବିଧାନ ବଳବତ୍ତର ରଖାଯାଇଥିଲା - ଅପିଲ- ସେଠାରେ ଏପରି କିଛି ରେକର୍ଡ ନଥିଲା ଯାହା ଦର୍ଶାଇବ ଯେ ଅପିଲକାରୀ- ଅଭିଯୁକ୍ତଙ୍କୁ ସେହି ସମ୍ପତ୍ତି ଏକ ବନ୍ଧିତ ସମ୍ପତ୍ତି ଥିବା କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସେହି ସମ୍ପତ୍ତି ସମ୍ପର୍କରେ ଯୁଗ୍ମ ଗ୍ରହୀତାମାନଙ୍କ ନିଯୁକ୍ତି ବିଷୟରେ କୌଣସି ଜ୍ଞାନ ଥିଲା- ଅପିଲକାରୀ ଜାଣିଶୁଣି କୌଣସି ଭୁଲ ତଥ୍ୟ ଉପସ୍ଥାପନ କରିଥିବାର କୌଣସି ପ୍ରମାଣ ନାହିଁ, ଅସାଧୁ କିମ୍ବା ଠକାମି କରିବା ତ ଦୂରର କଥା- ତେଣୁ ଠକେଇ ଅପରାଧର ମୌଳିକ ଉପାଦାନଗୁଡ଼ିକ ଏହି ମାମଲାରେ ଉପଲବ୍ଧ ନାହିଁ- ରେକର୍ଡରେ ଥିବା ପ୍ରମାଣ ଅପିଲକାରୀଙ୍କୁ ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିବା ଅପରାଧ ସହିତ ଆଦୌ ଯୋଡି ନଥାଏ- ଏକ ସାଧାରଣ ଉପସ୍ଥାପନ ଯାହା ଅସାଧୁ କିମ୍ବା ଠକାମି ବୋଲି ଦାବି କରାଯାଇ ନାହିଁ କିମ୍ବା ଅଭିଯୋଗ କରାଯାଇ ନାହିଁ, କେବଳ ସେହି ଆଧାରରେ ଅଭିଯୋଗକାରୀ ଟଙ୍କା ପ୍ରଦାନ କରିଥିବାରୁ ଏହା ଠକେଇ ହୋଇଥିବାର ଅଭିଯୋଗକୁ ଆକର୍ଷିତ କରେ ନାହିଁ- ଅପିଲକାରୀଙ୍କ ବିରୁଦ୍ଧରେ ରେକର୍ଡ ହୋଇଥିବା ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ ଗ୍ରହଣୀୟ ନୁହେଁ ବୋଲି ନିର୍ଣ୍ଣୟ ନିଆଗଲା ।*

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 42/1981 ।

ଫୌଜଦାରୀ ଆବେଦନ ସଂଖ୍ୟା 149/1972 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 30.8.79 ତାରିଖର ରାୟ ଓ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ରଥିନ୍ ଦାସ ଏବଂ ଦୀପକ ଭଟ୍ଟାଚାର୍ଯ୍ୟ ।

ଉତ୍ତରଦାତା ସଂଖ୍ୟା (ଏନ୍.ପି.) ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଥିଲେ ।

ରାଜ୍ୟ ପାଇଁ ପ୍ରଣବ କୁମାର ଚାଟାର୍ଜୀ (ଏନ୍.ପି.) ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉତ୍ତରଦାତା ସଂଖ୍ୟା 1, ଅବେଦନକାରୀ (A1)କୋଚି ମିଆ (A2) ଏବଂ ଫଜଲୁର ରହମାନ (A3)ଙ୍କ ବିରୋଧରେ କୋଲକାତାର ଅତିରିକ୍ତ ମୁଖ୍ୟ ମହାନଗର ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ଧାରା 120- B ସହିତ ଆଇପିସିର ଧାରା 420  ଅନୁଯାୟୀ ଅପରାଧ ପାଇଁ ଅଭିଯୋଗ ଦାଖଲ କରିଥିଲେ ।

ଅଭିଯୋଗକାରୀଙ୍କ ଅନୁଯାୟୀ, କୋଚି ମିଆ (A.2) ଏବଂ ଆବେଦନକାରୀ ତାଙ୍କୁ ଭେଟିଥିଲେ ଏବଂ କଲିକତା କାଫେର ବ୍ୟବସାୟିକ ଷ୍ଟକ୍ ଆଧାରରେ ଅଗ୍ରୀମ ଅର୍ଥ ଦେବାକୁ ଅନୁରୋଧ କରିଥିଲେ, ଯେଉଁଥିରେ ଫଜଲୁର ରହମାନ  (A.3) ସ୍ୱତ୍ୱାଧିକାରୀ ଥିଲେ ବୋଲି ଉପସ୍ଥାପନ କରାଯାଇଥିଲା । ଋଣ ପ୍ରଦାନ କରିବାକୁ ରାଜି ହେବା ପୂର୍ବରୁ ଅଭିଯୋଗକାରୀ, ଫଜଲୁର ରହମାନ  (A.3) ଙ୍କୁ ନିଜେ ଭେଟିବାକୁ ଚାହୁଁଥିଲେ । କିଛି ଦିନ ପରେ, ଫଜଲୁର ରହମାନ (A.3), କୋଚି ମିଆ (A.2) ଏବଂ ଆବେଦନକାରୀ ଅଭିଯୋଗକାରୀଙ୍କୁ ଭେଟିବା ପାଇଁ ତାଙ୍କ ବ୍ୟବସାୟ ସ୍ଥଳକୁ ଯାଇଥିଲେ । ସେହି ସମୟରେ ଅଭିଯୋଗକାରୀଙ୍କ ସହ ମଙ୍ଗତୁଲାଲ ବଗାରିଆ ନାମକ ତାଙ୍କର ଜଣେ ବନ୍ଧୁ ଅଭିଯୋଗକାରୀଙ୍କ ସହ ମଧ୍ୟ ଉପସ୍ଥିତ ଥିଲେ । ତିନି ଅଭିଯୁକ୍ତ ଅଭିଯୋଗକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ ଯେ କଲିକତା କ୍ୟାଫେ ସମସ୍ତ ବନ୍ଧକରୁ ମୁକ୍ତ ଏବଂ ବନ୍ଧକ ବବାଦକୁ ଟଙ୍କା ନିଆଯାଇପାରିବ । ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁ ମଙ୍ଗତୁଲାଲ ବଗାରିଆ ଉଭୟ ଫଜଲୁର ରହମାନଙ୍କୁ 30,000 ଟଙ୍କା ପ୍ରଦାନ କରିବାକୁ ରାଜି ହୋଇଥିଲେ । ପରବର୍ତ୍ତୀ ତାରିଖରେ, ଉଭୟ ପକ୍ଷଙ୍କ ମଧ୍ୟରେ ଶ୍ରୀ ଜି. ବଗାରିଆ(PW.4)ଙ୍କ କାର୍ଯ୍ୟାଳୟରେ ଏକ ବନ୍ଧକ ଚୁକ୍ତିପତ୍ର ପ୍ରସ୍ତୁତ ଏବଂ ସମ୍ପାଦନ କରାଯାଇଥିଲା ।  ବନ୍ଧକ ଦଲିଲରେ ଉଲ୍ଲେଖ କରାଯାଇଥିଲା ଯେ ପ୍ରଶ୍ନରେ ଥିବା ବ୍ୟବସାୟ ସମସ୍ତ ବନ୍ଧନ ଓ ଦେୟ ଇତ୍ୟାଦିରୁ ମୁକ୍ତ ଥିଲା । ବନ୍ଧକ ଦଲିଲରେ ଫଜଲୁର ରହମାନ (A.3)ଙ୍କର ଦସ୍ତଖତ ଥିଲା । ମୌଖିକ ଭାବେ ଏବଂ

ଦଲିଲରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଉପସ୍ଥାପନା ଆଧାରରେ, ଅଭିଯୋଗକାରୀ ଏବଂ ମଙ୍ଗତୁଲାଲ ବଗାରିଆ ଫଜଲୁର ରହମାନ (A.3)ଙ୍କୁ 30,000 ଟଙ୍କା ଦେଇଥିଲେ । ଏହି ରାଶି ଛଅଟି ହୁଣ୍ଡି ବାବଦରେ *ଦିଆଯାଇଥିଲା / ଫଜଲୁର ରହମାନ (A.3)* ଅଭିଯୋଗକାରୀ ଏବଂ ମଙ୍ଗତୁଲାଲ ବଗାରିଆଙ୍କ ସପକ୍ଷରେ ଏକ ସାଧାରଣ ଅପରିବର୍ତ୍ତନୀୟ କ୍ଷମତାପତ୍ର ମଧ୍ୟ କାର୍ଯ୍ୟକାରୀ କରିଥିଲେ ଯାହା ଦ୍ୱାରା ସେମାନଙ୍କୁ ବନ୍ଧକପତ୍ରରେ ସମ୍ମତ ହୋଇଥିବା ରାଶି ପରିଶୋଧରେ ଖିଲାପ କ୍ଷେତ୍ରରେ କଲିକତା କାଫେର ପରିଚାଳନା ଦାୟିତ୍ୱ ନେବାକୁ ଅନୁମତି ଦିଆଯାଇଥିଲା । ପରେ ଫଜଲୁର ରହମାନ (A.3)ଙ୍କ ଦ୍ୱାରା ଅଭିଯୋଗକାରୀ ଏବଂ ମଙ୍ଗତୁଲାଲ ବଗରିଆଙ୍କୁ ଋଣ ପରିଶୋଧ ପାଇଁ କିଛି ଅର୍ଥ ପ୍ରଦାନ କରାଯାଇଥିଲା, କିନ୍ତୁ 28 ନଭେମ୍ବର 1966 ତାରିଖ ପରେ ସ୍ୱୀକାରଯୋଗ୍ୟ ଭାବେ କୌଣସି ଅର୍ଥ ପ୍ରଦାନ କରାଯାଇନଥିଲା । ଅଭିଯୋଗକାରୀଙ୍କ ପକ୍ଷରୁ କରାଯାଇଥିବା ପଚରାଉଚରା ସମୟରେ ଜଣାପଡ଼ିଥିଲା ଯେ ଫଜଲୁର ରହମାନ  (A.3), କୋଚି ମିଆ (A.2) ଏବଂ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନା ମିଥ୍ୟା ଥିଲା କାରଣ ପ୍ରଶ୍ନରେ ଥିବା ସମ୍ପତ୍ତି ଏକ ବନ୍ଧକ ସମ୍ପତ୍ତି ଥିଲା ଏବଂ କଲିକତା ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକ ମକଦ୍ଦମାରେ କଲିକତା କାଫେ ବାବଦରେ ଯୁଗ୍ମ ଗ୍ରହୀତା ନିଯୁକ୍ତ ହୋଇଥିଲେ । ପ୍ରାଥମିକ ପ୍ରମାଣ ଲିପିବଦ୍ଧ କରିବା ପରେ ତିନି ଅଭିଯୁକ୍ତଙ୍କୁ ବିଚାର ପାଇଁ ପଠାଯାଇଥିଲା । ଏହା ସ୍ପଷ୍ଟ ଯେ ଫଜଲୁର ରହମାନ (A.3) ମାମଲା ବିଚାରାଧୀନ ଥିବା ସମୟରେ ମୃତ୍ୟୁବରଣ କରିଥିବା ବେଳେ କୋଚି ମିୟା (A.2) ଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଦାଖଲ ହୋଇନଥିଲା । ଆବେଦନକାରୀଙ୍କ ପକ୍ଷ ଥିଲା ଯେ ସେ ଅଭିଯୋଗ କରାଯାଇଥିବା ଅପରାଧ ସହିତ କୌଣସି ପ୍ରକାରେ ଜଡିତ ନଥିଲେ କିମ୍ବା ସେ ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁ ମଙ୍ଗତୁଲାଲ ବାଗାରିଆଙ୍କୁ ଠକି ନଥିଲେ ଏବଂ ସେ ଅଭିଯୋଗକାରୀଙ୍କୁ ତାଙ୍କ ଟଙ୍କା ପ୍ରଦାନ କରିବାକୁ ପ୍ରବର୍ତ୍ତାଇବା ପାଇଁ କୌଣସି ମିଥ୍ୟା ଉପସ୍ଥାପନ କରି ନଥିଲେ । ସେ ଦୃଢ଼ତାର ସହ ଦାବି କରିଥିଲେ ଯେ, ଯେତେବେଳେ  A.3ଙ୍କ ଦ୍ୱାରା ଅଭିଯୋଗକାରୀଙ୍କୁ ଉକ୍ତ ବିବାଦିତ ଉପସ୍ଥାନା କରାଯାଇଥିଲା, ସେ ସେହି ସମୟରେ ଉପସ୍ଥିତ ନଥିଲେ ଏବଂ ସେ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଏବଂ କୋଚି ମିଆଁ (A.2)ଙ୍କ ଅନୁରୋଧରେ ସମ୍ପାଦନାକାରୀଙ୍କୁ ଚିହ୍ନଟ କରିଥିଲେ ।

ତେଣୁ, ବିଚାରଣ ନ୍ୟାୟାଳୟରେ ମାମଲାଟି କେବଳ ଆବେଦନକାରୀଙ୍କ ବିରୋଧରେ ଚାଲିଥିଲା । ବିଚାରଣ ଦଣ୍ଡାଧିକାରୀ ତାଙ୍କ 24 ଏପ୍ରିଲ 1972 ତାରିଖର ଆଦେଶ ଅନୁଯାୟୀ ଆଇପିସିର ଧାରା 420/34 ଅନୁଯାୟୀ ଆବେଦନକାରୀଙ୍କୁ ଛଅ ମାସ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ 500 ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ କରିଥିଲେ ଏବଂ ଏହାକୁ ପାଳନ

ନକଲେ ଆଉ ଦୁଇ ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ । ସେହି ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ 1979 ଅଗଷ୍ଟ 30 ରେ ଖାରଜ ହୋଇଥିଲା । ବିଶେଷ ଅନୁମତି ଦ୍ୱାରା ଆବେଦନକାରୀ ଆମ ନିକଟରେ ଆବେଦନ କରିଛନ୍ତି ।

ଆମେ ନଥି ଯାଞ୍ଚ କରିଛୁ ଏବଂ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । ଆମେ ଦେଖିପାରୁଛୁ ଯେ ଅଭିଯୋଗକାରୀ ଯିଏ ବିଚାରଣ ନ୍ୟାୟାଳୟରେ  PW. 7 ଭାବରେ ହାଜର ହୋଇଥିଲେ, ସେ ତାଙ୍କର ପ୍ରତ୍ୟକ୍ଷ ସାକ୍ଷରେ କହିଥିଲେ ଯେ "ଅଭିଯୁକ୍ତ ସଂଖ୍ୟା 2-3ଙ୍କ ଉପସ୍ଥାପନା ଉପରେ ସଦ୍ ବିଶ୍ୱାସ କରି ଯେ ସମ୍ପତ୍ତିଟି ବନ୍ଧକ ସମ୍ପତ୍ତି ନୁହେଁ" ବୋଲି ଏହି ପରିମାଣ ପ୍ରଦାନ କରାଯାଇଥିଲା । ସମ୍ପତ୍ତିଟି କୌଣସି ଋଣଭାର ମୁକ୍ତ ବୋଲି ଆବେଦନକାରୀଙ୍କ ପକ୍ଷରୁ କୌଣସି ଉପସ୍ଥାପନା କରାଯାଇଥିବାର ଉଲ୍ଲେଖ ନାହିଁ । PW. 8 ଥିବା ମଙ୍ଗତୁଲାଲ ବଗାରିଆ ମଧ୍ୟ କଲିକତା କାଫେର ସମ୍ପତ୍ତି ସମ୍ପର୍କରେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା କୌଣସି ଉପସ୍ଥାପନାକୁ ଉଲ୍ଲେଖ କରିନାହାନ୍ତି । PW. 4 ଥିବା ଆଇନ ପରାମର୍ଶଦାତା ଶ୍ରୀ ଡି. ବଗାରିଆ, ଯିଏକି ବନ୍ଧକ ପତ୍ର ପ୍ରସ୍ତୁତ କରିଥିଲେ, ସେ କହିଥିଲେ ଯେ ଫଜଲୁର ରହମାନ (A.3) ତାଙ୍କୁ ଦେଇଥିବା ବୟାନ ଉପରେ ସେ ବନ୍ଧକ ପତ୍ର ପ୍ରସ୍ତୁତ କରିଥିଲେ ଏବଂ ସେହି ସମୟରେ ଫଜଲୁର ରହମାନ (A.3)ଙ୍କ ବ୍ୟତୀତ ମଙ୍ଗତୁଲାଲ ବଗାରିଆ ଏବଂ ଅଭିଯୋଗକାରୀ ଉପସ୍ଥିତ ଥିଲେ ଏବଂ ଏହି ତିନିଜଣଙ୍କ ନିର୍ଦ୍ଦେଶରେ ତାଙ୍କ କାର୍ଯ୍ୟାଳୟରେ ବନ୍ଧକ ପତ୍ର ପ୍ରସ୍ତୁତ କରାଯାଇଥିଲା । ସେ କହିଥିଲେ ଯେ ଫଜଲୁର ରହମାନ (A.3)ତାଙ୍କୁ ପଚାରିବାରୁ କହିଥିଲେ ଯେ କଲିକତା କାଫେ କୌଣସି ପ୍ରକାରେ ବନ୍ଧକ ନୁହେଁ । ସେ ମଧ୍ୟ ଆବେଦନକାରୀଙ୍କୁ କୌଣସି ପ୍ରକାରେ ସମ୍ପୃକ୍ତ କରିନାହାନ୍ତି । ଏହି ମଲାରେ ଏତିକି ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ । ଅଭିଯୋଗକାରୀଙ୍କ ଅନୁଯାୟୀ, ଆବେଦନକାରୀ A.2 ଏବଂ A.3 ସହିତ ଅଭିଯୋଗକାରୀଙ୍କୁ କହିଥିଲେ ଯେ ସେ ବାଣିଜ୍ୟରେ ଥିବା ଷ୍ଟକ୍ ଆଧାରରେ A.3 କୁ ଋଣ ପ୍ରଦାନ କରିପାରିବେ । ଆବେଦନକାରୀ ଜାଣିଥିଲେ କି ବାଣିଜ୍ୟରେ ଥିବା ଷ୍ଟକ୍ ବନ୍ଧକରେ ରଖାଯାଇଛି ? କୌଣସି ପ୍ରମାଣ ତ ଦୂରର କଥା, ନଥିରେ ଏଭଳି କୌଣସି ଘୋଷଣା ନାହିଁ ।

ନଥିରେ ଥିବା ପ୍ରମାଣରୁ ଜଣାପଡ଼ି ନାହିଁ ଯେ ଆବେଦନକାରୀ ଅଭିଯୋଗକାରୀଙ୍କୁ କୌଣସି ବିବୃତି ଦେଇଥିଲେ, ଯାହାକୁ ସେ ମିଥ୍ୟା ବୋଲି ଜାଣିଥିଲେ । ଆଇ.ପି.ସି.ର ଧାରା 415ଏହିପରି ଭାବରେ ଦର୍ଶାଏ :

"415.ଠକେଇ- ଯେ କେହି କୌଣସି ବ୍ୟକ୍ତିଙ୍କୁ ପ୍ରତାରଣା କରି, ଠକାମି କରି କିମ୍ବା ଅସାଧୁ ଭାବରେ, ପ୍ରତାରିତ ବ୍ୟକ୍ତିଙ୍କୁ କୌଣସି ବ୍ୟକ୍ତିଙ୍କୁ କୌଣସି ସମ୍ପତ୍ତି ପ୍ରଦାନ କରିବାକୁ

କିମ୍ବା କୌଣସି ବ୍ୟକ୍ତି କୌଣସି ସମ୍ପତ୍ତି ରଖିବାକୁ ସମ୍ମତି ଦେବାକୁ କିମ୍ବା ପ୍ରତାରିତ ବ୍ୟକ୍ତିଙ୍କୁ କୌଣସି କାର୍ଯ୍ୟ କରିବାକୁ କିମ୍ବା କୌଣସି କାର୍ଯ୍ୟ ନ କରିବାକୁ ଇଚ୍ଛାକୃତ ଭାବରେ ପ୍ରବର୍ତ୍ତାଇଥିଲେ, ଯାହାକି ପ୍ରତାରିତ ହୋଇ ନଥିଲେ ସେ କରି ନଥାନ୍ତେ ଏବଂ ଯେଉଁ କୃତି ବା କାର୍ଯ୍ୟ ଉପେକ୍ଷା ସେହି ବ୍ୟକ୍ତିଙ୍କର ଶରୀର, ମନ, ସୁନାମ କିମ୍ବା ସମ୍ପତ୍ତିର କ୍ଷତି କିମ୍ବା ହାନି ଘଟାଏ କିମ୍ବା ଘଟାଇବାର ସମ୍ଭାବନା ଥାଏ, ଏହି କ୍ଷେତ୍ରରେ ତାଙ୍କୁ "ପ୍ରତାରଣା" କରାଯାଇଛି ବୋଲି କୁହାଯାଏ ।

ବ୍ୟାଖ୍ୟା।- ଏହି ଧାରା ଅର୍ଥ ଅନୁଯାୟୀ, ତଥ୍ୟକୁ ଅସାଧୁ ଭାବରେ ଗୋପନ ରଖିବା ମଧ୍ଯ ଏକ ପ୍ରତାରଣା ଅଟେ ।

ଆଇ.ପି.ସି.ର ଧାରା 24ରେ "ଅସାଧୁତା" ଶବ୍ଦର ସଂଜ୍ଞା ଦିଆଯାଇଛି ଯେ, "ଯେ କେହି ଜଣେ ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତିଙ୍କର ଅନ୍ୟାୟ ଭାବରେ ଲାଭ କିମ୍ବା ଅନ୍ୟାୟ ଭାବରେ କ୍ଷତି କରାଇବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରନ୍ତି, ସେହି କାର୍ଯ୍ୟକୁ 'ଅସାଧୁତା' ବୋଲି କୁହାଯାଏ ।" ଧାରା 25ରେ "ଠକେଇ କରି "କୁ "ଏକ ବ୍ୟକ୍ତି ଠକେଇ କରି କୌଣସି କାର୍ଯ୍ୟ କରୁଛି ବୋଲି କୁହାଯାଏ ଯଦି ସେ ଠକିବା ଉଦ୍ଦେଶ୍ୟରେ ସେହି କାର୍ଯ୍ୟଟି କରେ, କିନ୍ତୁ ଅନ୍ୟଥା ନୁହେଁ ।

ଯଦିଓ, ରେକର୍ଡରେ କିଛି ପ୍ରମାଣ ଅଛି ଯେ ଅଭିଯୋଗକାରୀ ଏବଂ ମଙ୍ଗତୁଲାଲ ବଗାରିଆଙ୍କ ଦ୍ୱାରା ଫଜଲୁର ରହମାନ (A.3)ଙ୍କୁ 30,000 ଟଙ୍କା ପ୍ରଦାନ କରାଯାଇଥିଲା, ଯାହାକି ଆବେଦନକାରୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିଲା, କିନ୍ତୁ ଅଭିଯୋଗକାରୀଙ୍କ ମାମଲାକୁ ସର୍ବୋତ୍ତମ ଭାବରେ ଗ୍ରହଣ କରି, ଯଦି ଏହା ମଧ୍ଯ ଧରାଯାଏ ଯେ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଏକ ଉପସ୍ଥାପନା ଦାଖଲ କରିଥିଲେ, ତଥାପି ରେକର୍ଡରେ ଏପରି କିଛି ନାହିଁ ଯାହା ଦର୍ଶାଏ ଯେ କଲିକତା କାଫେ ଏକ ବନ୍ଧକ ସମ୍ପତ୍ତି ଥିଲା ବୋଲି କିମ୍ବା ସେହି ସମ୍ପତ୍ତି ସମ୍ବନ୍ଧରେ ଏକ ମକଦ୍ଦମାରେ କଲିକତା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଯୁଗ୍ମ ଗ୍ରହୀତାଙ୍କ ନିଯୁକ୍ତି ବିଷୟରେ ଆବେଦନକାରୀଙ୍କର କୌଣସି ଜ୍ଞାନ ଥିଲା । ଅସତ୍ କିମ୍ବା ପ୍ରତାରଣାମୂଳକ ଉପସ୍ଥାପନା କରିବା ଦୂରର କଥା, ଏହା ଦର୍ଶାଇବା ପାଇଁ କୌଣସି ପ୍ରମାଣ ନାହିଁ ଯେ ଆବେଦନକାରୀ ଜାଣିଶୁଣି କୌଣସି ମିଥ୍ୟା ଉପସ୍ଥାପନା କରିଛନ୍ତି । ତେଣୁ, ଠକେଇ ଅପରାଧର ମୌଳିକ ଉପାଦାନଗୁଡ଼ିକ ଏହି ମାମଲାରେ ନାହିଁ । ରେକର୍ଡରେ ଥିବା ପ୍ରମାଣ ଆବେଦନକାରୀଙ୍କୁ ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିବା ଅପରାଧ ସହିତ ସଂଯୋଗ କରୁନାହିଁ । ନିମ୍ନ ଅଦାଲତ ଆମ ଦ୍ୱାରା ପ୍ରକାଶିତ ଆଇନଗତ ସ୍ଥିତିକୁ ଠିକ୍ ଭାବେ ପରୀକ୍ଷା କରିନଥିଲେ । ଏକ

କେବଳ ଉପସ୍ଥାପନା, ଯାହାକୁ ଅସତ୍ କିମ୍ବା ଠକେଇ ବୋଲି ଦାବି କରାଯାଇ ନାହିଁ କିମ୍ବା ଅଭିଯୋଗ କରାଯାଇ ନାହିଁ, କେବଳ ଅଭିଯୋଗକାରୀଙ୍କ ଦ୍ଵାରା ଏହାର ଆଧାରରେ ତାଙ୍କ ଟଙ୍କା ପ୍ରଦାନ କରାଯିବା ଯୋଗୁଁ ଠକେଇର ଅଭିଯୋଗ ଆକର୍ଷିତ ହେବ ନାହିଁ । ବର୍ତ୍ତମାନର ମାମଲାରେ, କଲିକତା କାଫେର ମାଲିକ A.3 ମୌଖିକ ଭାବେ ଏବଂ ବନ୍ଧକ ପତ୍ରରେ ଉଭୟ ପ୍ରକାରେ ଅସାଧୁ ଉପସ୍ଥାପନା କରିଥିଲେ । ବିଚାରଣ ନ୍ୟାୟାଳୟ ଦ୍ଵାରା ରେକର୍ଡ଼ ହୋଇଥିବା ଏବଂ ଉଚ୍ଚ ନ୍ୟାୟାଳୟ ଦ୍ଵାରା ନିଶ୍ଚିତ ହୋଇଥିବା ଆବେଦନକାରୀଙ୍କ ବିରୁଦ୍ଧରେ ଦୋଷାରୋପ ଏବଂ ଦଣ୍ଡାଦେଶ, ପରିସ୍ଥିତି ଅନୁଯାୟୀ ଗ୍ରହଣୀୟ ନୁହେଁ । ସେହି ଅନୁଯାୟୀ, ଆମେ ଏହି ଆବେଦନକୁ ଗ୍ରହଣ କରୁଛୁ ଏବଂ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶକୁ ବାତିଲ କରି ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରୁଛୁ । ଆବେଦନକାରୀ ଜାମିନରେ ଅଛନ୍ତି । ତାଙ୍କ ଜମାନବନ୍ଦି ଖାରଜ ହେଲା ।

ଟି. ଏନ୍. ଏ.   ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ଵୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।